# ଶୈବ ପୀଠ ଦେଉଳଝରୀ

**କୃଷ୍ଣଚନ୍ଦ୍ର ସୁଆର**

ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ମଧ୍ୟରେ ଶୈବପୀଠ 'ଦେଉଳଝରୀ' ଅନ୍ୟତମ । ଏଠିକାର ଉଷ୍ଣ ପ୍ରସବଣ ରାଜ୍ୟ ତଥା ଦେଶରେ ପ୍ରସିଦ୍ଧି ଲାଭ କରିଥିବାରୁ ବର୍ଷସାରା ବହୁ ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ଦେଖିବାକୁ ଆସିଥାନ୍ତି । ଏହାର ପ୍ରାକୃତିକ ଶୋଭା ରାଶି ଅତ୍ୟନ୍ତ ମନଲୋଭା । ଏହା ବହୁ ପ୍ରାଚୀନ ଏବଂ ଏହାର ଐତିହ୍ୟ, ପରଂପରା ଓ ଶୈବ ଶାକ୍ତ ସଂସ୍କୃତିର ମିଳନ ସ୍ଥଳୀ ଅଟେ । ଏଠାରେ ବାବା ସିଦ୍ଧେଶ୍ୱର ମହାଦେବ ପୂଜା ପାଆନ୍ତି । ସେ ହେଉଛନ୍ତି ପୀଠର ଅଧିଷ୍ଠିତ ଦେବ ଓ ପ୍ରତ୍ୟକ୍ଷ ଦେବତା । ତାଙ୍କର ଅପାର କରୁଣାରୁ ଏଠାକୁ ଆସୁଥିବା ଭକ୍ତମାନଙ୍କ ମନୋସ୍କାମନା ପୂରଣ ହେବା ସହିତ ଲକ୍ଷ୍ୟ ସିଦ୍ଧି ହେଉଥିବାରୁ ତାଙ୍କ ନାମ ସିଦ୍ଧେଶ୍ୱର ହୋଇଥିବା ଲୋକ ବିଶ୍ୱାସ ଅଛି । ଏଠାର କିଆ କେତକୀ ବଣ ମଧ୍ୟରେ ସୃଷ୍ଟି ହୋଇଥିବା ଝର ସ୍ୱୟଂଭୂ ବାବା ସିଦ୍ଧେଶ୍ୱରଙ୍କୁ ଅହର୍ନିଶି ଧୌତ କରି ଝରି ଯାଉଥିବାରୁ ଏହି ସ୍ଥାନ 'ଦେଉଳଝରୀ' ନାମରେ ଖ୍ୟାତ । ଅନୁଗୋଳ ଜିଲ୍ଲା ଅନ୍ତର୍ଗତ ଆଠମଲ୍ଲିକ ସହରଠାରୁ ପ୍ରାୟ ୫ କି.ମି ଦୂରରେ ଏହି କ୍ଷେତ୍ରଟି ୨୪ ଏକର ଭୂମି ଉପରେ ଅବସ୍ଥିତ । କିମ୍ବଦନ୍ତୀ କହେ ବନବାସ ସମୟରେ ପାଣ୍ଡବମାନେ ଏହି ଅଂଚଳରେ ରହିଥିଲେ ଓ ସ୍ୱର୍ଗାରୋହଣ ବେଳେ ଦେଉଳଝରୀର ପବିତ୍ର କୁଣ୍ଡରେ ସ୍ନାନ ଏବଂ ପିତୃ ପୂଜା କରି ପୁଣି ସେମାନଙ୍କ ମହାଯାତ୍ରାର ପଥିକ ହୋଇଥିଲେ ।



ମନ୍ଦିରର ମୁଖଶାଳାଠାରୁ ପ୍ରାୟ ୫ଫୁଟ ଗଭୀରରେ ଥିବା ଗର୍ଭଗୃହ ମଧ୍ୟରେ ଶିବଲିଙ୍ଗ ସହିତ ଶିବ ପାର୍ବତୀଙ୍କ ଅଷ୍ଟଧାତୁର ପ୍ରତିମା ପୂଜା ପାଉଛନ୍ତି । ବେଢା ପରିକ୍ରମା କଲେ ଗଣେଶ, କାର୍ତ୍ତିକେଶ୍ୱର, ସରସ୍ୱତୀ ଓ ପାର୍ବତୀ ପୂଜା ପାଉଥିବା ଜଣାଯାଏ । ଏଠାରେ ଶ୍ରୀ ସିଦ୍ଧେଶ୍ୱରଙ୍କ ସମେତ ଗୁପ୍ତେଶ୍ୱର, ମହେଶ୍ୱର ଓ ଜାଗେଶ୍ୱରଙ୍କ ମନ୍ଦିର ତଥା ଶାକ୍ତ ସଂସ୍କୃତିର ପ୍ରତୀକ ମା' ମାହେଶ୍ୱରୀ ଓ ଖମ୍ବେଶ୍ୱରୀଙ୍କ ମନ୍ଦିର ମଧ୍ୟ ରହିଛି । ଏହା ମଧ୍ୟରେ ସିଦ୍ଧେଶ୍ୱର ମନ୍ଦିରଟି ବେଶି ଆକର୍ଷଣୀୟ । ମନ୍ଦିର ଚତୁଃପାର୍ଶ୍ୱରେ ଥିବା ବେଢାମଣ୍ଡପ ଓ ଛୋଟ ବଡ ଗୃହଗୁଡିକ ଏହାର ଶୋଭା ବର୍ଦ୍ଧନ କରୁଛି । ଏଠାରେ ଶିବ ଚତୁର୍ଦ୍ଦଶୀରେ ବିରାଟ ମେଳା ବସେ । ବହୁ ଲୋକ ସମାଗମ ହୁଅନ୍ତି ।

ଜନଶ୍ରୁତିରୁ ଜଣାଯାଏ କେଶରୀ ବଂଶ ରାଜା ସୁବର୍ଣ୍ଣକେଶରୀ ସୁବର୍ଣ୍ଣ ନିର୍ମିତ ଦଶଭୁଜା ଦୁର୍ଗାମୂର୍ତ୍ତି ଯାଜପୁରରୁ ଆଣି ଶୀତଳ ଓ ଉଷ୍ଣକୁଣ୍ଡ ସମ୍ମୁଖରେ ମନ୍ଦିର ନିର୍ମାଣ କରିଥିଲେ । ସେତିକି ବେଳେ କଦମ୍ବବଂଶୀୟ ରାଜାମାନେ କଇଁତ୍ରାଗଡରେ ଗଡ ନିର୍ମାଣ କରି ରାଜୁତି କରୁଥିଲେ । ସେହି ବଂଶର ରାଜା ମହେନ୍ଦ୍ର

ବାହାଦୁରଙ୍କର ପୁତ୍ର ବିଭୁଧେନ୍ଦ୍ର ଦେଓ ସିଦ୍ଧେଶ୍ୱର ବାବାଙ୍କର ମନ୍ଦିର ନିର୍ମାଣ କରିଥିଲେ । ରାମଚନ୍ଦ୍ର ଦେଓ ପୁରୁଣା ଗଡରେ ରାଜଧାନୀ ସ୍ଥାପନ କରି ମା' ମାହେଶ୍ୱରୀଙ୍କୁ ଦେଉଳଝରୀରୁ ଆଣି ପୁରୁଣାଗଡ଼ରେ ଆରାଧନା କଲେ । ତତ୍‌ପରେ ମାଉସୀ ମା' ମନ୍ଦିରରେ ମାହେଶ୍ୱରୀଙ୍କୁ ସ୍ଥାପନା କରାଯାଇଥିଲା । ରାଜା ବିଭୁଧେନ୍ଦ୍ର ଦେଓ ପ୍ରାୟ ୧୯୪୫ ମସିହାରେ ମାହେଶ୍ୱରୀ ଦେବୀ ମନ୍ଦିର କାର୍ଯ୍ୟ ଆରମ୍ଭ କରିଥିଲେ ଏବଂ କିଶୋର ଚନ୍ଦ୍ର ଦେଓ ମନ୍ଦିର ନିର୍ମାଣ ଶେଷକରି ପୀଠର ପୀଠେଶ୍ୱରୀ ମା' ମାହେଶ୍ୱରୀଙ୍କୁ ସେଠାରେ ସ୍ଥାପନା କରିଥିଲେ । ମାହେଶ୍ୱରୀ ହେଉଛନ୍ତି ଏକାଦଶ ହସ୍ତା । ଦଶ ହସ୍ତରେ ତାଙ୍କର ଅସ୍ତ୍ରଶସ୍ତ୍ର ଝଲମଲ୍ କରୁଛି । ଏକାଦଶ ହାତଟି ମା'ଙ୍କର ତଳକୁ ଲମ୍ବି ଯାଇଛି ।

ଏହି କ୍ଷେତ୍ର ସ୍ଥଳୀକୁ ଯିବା ପାଇଁ ଗମନାଗମନର ଭଲ ସୁବିଧା ରହିଛି । ରାଜଧାନୀ ଭୁବନେଶ୍ୱରରୁ ଇଣ୍ଟରସିଟି ଟ୍ରେନ୍‌ରେ ଯାଇ ବଇଣ୍ଡା ଷ୍ଟେସନରେ ଓହ୍ଲାଇବାକୁ ହେବ । ତା'ପରେ ବସ୍ ଯୋଗେ ଆଠମଲ୍ଲିକ ଏବଂ ଆଠମଲ୍ଲିକରୁ ଅଟୋ କିମ୍ବା ଟ୍ୟାକ୍ସି ଯୋଗେ ଏହି ସ୍ଥାନକୁ ଯାଇହେବ । ବଇଣ୍ଡାଠାରୁ ଏହା ୪୦ କି.ମି ଦୂରରେ ଅବସ୍ଥିତ । ଦେଉଳଝରୀକୁ ବଉଦ, ସୋନପୁର, ବଲାଙ୍ଗିର, ଅନୁଗୋଳ, ଢେଙ୍କାନାଳ, ସମ୍ବଲପୁରରୁ ଉତ୍ତମ ଯୋଗାଯୋଗ ରହିଛି । ଏହି ପୀଠର ଚତୁଃପାର୍ଶ୍ୱରେ ବୃହତ୍ କିଆ ଜଙ୍ଗଲ ରହିଥିବାରୁ ଏହାର ଘଂଚ ଶୋଭା ରାଶିକୁ ଦ୍ୱିଗୁଣିତ କରିବା ସଙ୍ଗେ କିଆ ଫୁଲର ସୁନ୍ଦର ବାସ୍ନା ଦର୍ଶକଙ୍କ ମନରେ ଅଫୁରନ୍ତ ଆନନ୍ଦ ଖେଳାଇଦିଏ । ଏଠାରେ ପୂର୍ବେ ୮୪ଟି ଉଷ୍ମ ଓ ଶୀତଳ କୁଣ୍ଡ ଥିଲା । ତଦନୁସାରେ ଏହି ପ୍ରଗଣାର ନାମ ଚୌରାଶି ପ୍ରଗଣା ରଖାଯାଇଥିଲା । କାଳକ୍ରମେ ଅନେକ ଉଷ୍ମକୁଣ୍ଡ ଅବହେଳିତ ଓ ଲୁପ୍ତପ୍ରାୟ ହୋଇଯାଇଥିବାରୁ ସଂପ୍ରତି ମାତ୍ର ୨୧ଟି କୁଣ୍ଡ ଦୃଷ୍ଟିଗୋଚର ହୁଏ । ତେଣୁ ସ୍ୱାଧୀନତା ସଂଗ୍ରାମୀ, ଚାରଣ କବି ବାଞ୍ଛାନିଧି ଦାସ ତାଙ୍କ ରଚିତ 'ଦେଉଳଝରୀ'ରେ କବିର ସ୍ୱପ୍ନରେ କହନ୍ତି–

କାହିଁ ଭାସିଗଲା କାଳ ସୁଅଧାରେ, ସେ ତପି କୁଟୀର ରାଜି,
ଚୌରାଶୀ କୁଣ୍ଡରେ ଚିହ୍ନ ନାଇଁ ପାତ୍ର, ଚୌରାଶୀ ପ୍ରଗନା ଆଜି ।

କୁଣ୍ଡଗୁଡିକରୁ ଥଣ୍ଡା ଓ ଗରମ ପାଣି ବାହାରିଥାଏ । ଆଶ୍ଚର୍ଯ୍ୟର କଥା ଏହିକି ଯେ କୁଣ୍ଡଗୁଡିକ ଲଗାଲଗି ରହିଥିଲେ ହେଁ ଗୋଟିକରେ ଥଣ୍ଡା ପାଣି ଥିବା ବେଳେ ତା'ପାଖ କୁଣ୍ଡଟିରେ ଗରମ ପାଣି ନିର୍ଗତ ହେବାର ଦେଖିବାକୁ ମିଳିଥାଏ । ସେଥିଯୋଗୁଁ ଦର୍ଶକମାନଙ୍କୁ ଏହା ବହୁ ଆକୃଷ୍ଟ କରିଥାଏ । ମହେଶ୍ୱର, ମାହେଶ୍ୱରୀ ଓ କେଦାରଶ୍ୱର ମନ୍ଦିର ସାମନାରେ ଅବସ୍ଥିତ ଦୁଇଟି ବିଶାଳ କୁଣ୍ଡ ଭକ୍ତ ଓ ପର୍ଯ୍ୟଟକମାନଙ୍କ ସ୍ନାନକୁଣ୍ଡ ଭାବରେ ବ୍ୟବହୃତ ହୁଏ । ଶୀତଦିନେ ଉଷ୍ମ ଜଳରେ ସ୍ନାନକରି ଲୋକମାନେ ଏଠାରେ ଭରପୂର ମଜା ଉଠାଇଥାନ୍ତି । ଏତଦ୍‌ବ୍ୟତୀତ କୁଣ୍ଡଗୁଡିକରୁ ବାହାରୁଥିବା ଗରମ ପାଣିର ରଂଗ ଭିନ୍ନ ହୋଇଥିବାରୁ ଏହି ଚୌରାଶୀ କୁଣ୍ଡର ନାଁ ଯଥାକ୍ରମେ ଅଗ୍ନିକୁଣ୍ଡ, ଦଧିକୁଣ୍ଡ, ଘୃତକୁଣ୍ଡ, କ୍ଷୀର କୁଣ୍ଡ ଓ ହିମ କୁଣ୍ଡ ଥିଲା । ଏହି କୁଣ୍ଡଗୁଡିକ ମଧ୍ୟରୁ ସବୁଠାରୁ ଉତ୍ତପ୍ତ ଜଳକୁଣ୍ଡର ଉତ୍ତାପ ହେଉଛି ୧୩୪ ଡିଗ୍ରୀ ସେଲସିୟସ । ତେବେ ଏଠାକାର ଜଳରେ ଗନ୍ଧକ ମିଶି ରହିଥିବାରୁ ଅଧିକାଂଶ କୁଣ୍ଡର ଜଳ ଉତ୍ତପ୍ତ ହେଉଥିବା କଥା ବୈଜ୍ଞାନିକମାନେ ମତ ଦିଅନ୍ତି । ବାତ ଓ ଚର୍ମ ରୋଗର ନିରାକରଣ ନିମନ୍ତେ ଉଷ୍ମ କୁଣ୍ଡର ଜଳ ଫଳପ୍ରଦ ହେଉଥିବା ବେଳେ କିଆ ବଣ ତଳର ପାଣି କାଦୁଅ ର୍‌ୟୁମାଟିଜମ୍ (ଆଣ୍ଠୁ ଗଣ୍ଠି ବାତ) ଓ ଆର୍ଥ୍ରାଇଟିସ୍ ନିମନ୍ତେ ପ୍ରୟୋଗ କଲେ ଉପଶମ ମିଳେ ବୋଲି ବିଶ୍ୱାସ ଅଛି । ଜନଶ୍ରୁତିରୁ ଜଣାଯାଏ ପ୍ରାୟ ଏକ ହଜାର ବର୍ଷ ପୂର୍ବେ ଜଣେ କନ୍ଧଙ୍କ ଦ୍ୱାରା ସିଦ୍ଧେଶ୍ୱର ବାବା ଲୋକ ଲୋଚନକୁ ଆସିଥିଲେ । ରାଜାରାଜୁଡା ଶାସନ କାଳରୁ ଏହି କନ୍ଧ ବଂଶ ଭଗବାନ ଶିବଙ୍କ ପୂଜାର୍ଚ୍ଚନା କରି ଆସୁଛନ୍ତି । ଏତଦ୍‌ବ୍ୟତୀତ ସେହି ସମୟରୁ ହିଁ ମାଟିତଳୁ ବିଭିନ୍ନ ସ୍ଥାନରୁ ଉଷ୍ମ ଓ ଶୀତଳ ଜଳ ବାହାରୁଥିବା ଜନମାନସକୁ ଆସିଥିଲା । ଆଠମଲ୍ଲିକ ରାଜା ଏଠାରେ ମନ୍ଦିର ଓ ଉଷ୍ମ ପ୍ରସବଣ ପାଇଁ କୁଣ୍ଡମାନ ନିର୍ମାଣ କରାଇଥିଲେ । ଏହି କୁଣ୍ଡର ଉଷ୍ମ ଜଳକୁ ମୁଣ୍ଡରେ ମାରିଲେ ପୁଣ୍ୟ ହୋଇଥାଏ ବୋଲି ଭକ୍ତିକ ଦୃଷ୍ଟିରୁ କୁହାଯାଏ । ଏତଦ୍‌ବ୍ୟତୀତ ଲୋକେ କୁଣ୍ଡଗୁଡିକ ମଧ୍ୟରେ ଶୁଭ ହେଉଥିବା ଶୁଣି ପଇସା ପକାଇଥାନ୍ତି ।

ଏକ ପୁରାଣ ପ୍ରସିଦ୍ଧ ଚାରିଶମ୍ଭୁ ଉପାସନାର ପୀଠ, ଉଷ୍ମ ପ୍ରସବଣ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ବିମଣ୍ଡିତ ପବିତ୍ର ସ୍ଥଳୀ ଭାବରେ ଐତିହ୍ୟମୟ ଦେଉଳଝରୀର ସ୍ଥାନ ବାସ୍ତବରେ ସ୍ୱତନ୍ତ୍ର ଓ ଅନନ୍ୟ । ଦୂର ଦୂରନ୍ତାରୁ ଆସୁଥିବା ପର୍ଯ୍ୟଟକମାନଙ୍କ ରହିବା, ଖାଇବା ନିମନ୍ତେ କେତେକ ପାନ୍ଥଶାଳା ତଥା ବିଶ୍ରାମାଗାର ଓ ହୋଟେଲ ନିର୍ମାଣ କରିବା ସାଙ୍ଗକୁ ଏହାର ରକ୍ଷଣାବେକ୍ଷଣ ଓ ପରିଷ୍କାର ପରିଚ୍ଛନ୍ନତା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ସର୍ବାଦୌ ଆମର କର୍ତ୍ତବ୍ୟ ବୋଲି ମନେହୁଏ ।

ଏମ୍.ଆଇ.ଜି.ଓ୍ୱାନ– ୪୨/୧
ଚନ୍ଦ୍ରଶେଖରପୁର, ହାଉସିଂବୋର୍ଡ କଲୋନୀ
ଭୁବନେଶ୍ୱର–୧୬